# Akashvani, Sambalpur

# SAMBALPURI NEWS MORNING BULLETIN

## 2 April 2026 - 6.47- 6.52 am.

---

ଓଡ଼ିଆ ପକ୍ଷ-ପୋଷାକ ପରିଧାନ୍ ଦିବସ୍ ଆଇ ଆଣ୍ଡ୍ ପି.ଆର୍

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍ଫୁ ଓଡ଼ିଶା ଦିବସ୍ ପାଲନ୍ ଅବ୍ସରେ ଗଲାକାଏଲ୍ଠାନୁ ସାରା ରାଏଜେ ଓଡ଼ିଶା ପକ୍ଷ ପାଲନ୍ ମୁଲ୍ ହେଇଛେ । ଇ ଅବ୍ସରେ ଆଏଜ୍ ଆଉ ଆଏବା କାଏଲ୍ ପାରମ୍ପରିକ୍ ପୋଷାକ ପରିଧାନ୍ ଦିବସ୍ -ଆମ ପୋଷାକ ଆମ ପରିଚୟ ଦିବସ୍ ପାଲନ୍ କରାଯିବା । ଇ ଅବ୍ସରେ ରାଜ୍ୟର୍ ସବୁ ସର୍କାରୀ ଅଧିକାରୀ, କର୍ମଚାରୀ ଆଉ ନାଗରିକ୍ମାନ୍କୁ ହସ୍ତତନ୍ତ ପୋଷାକ ପରିଧାନ୍ କର୍ବାର୍ ଲାଗି ବିଭାଗ୍ ତର୍ଫୁ କୁହାଯାଇଛେ । ଇ ଅବ୍ସରେ ପୋଷାକ୍ ପରିଧାନ୍ କରିକରି ନିଜର୍ ଫଟୋକେ ଓଡ଼ିଆ ପକ୍ଷ ୨୦୨୬ ୱେବ୍ସାଇଟ୍ଥି ଅପ୍ଲୋନ୍ କର୍ବାର୍କେ ଅନୁରୋଧ୍ କରାଯାଇଛେ ।

ଓଡ଼ିଶା ଦିବସ-ରାଜ୍ୟପାଲ୍ ଆଇ ଆଣ୍ଡ୍ ପି.ଆର୍

ଭୁବନେଶ୍ୱର୍ ଲୋକସେବା ଭବନ୍ ନ ଗଲାକାଏଲ୍ ଓଡ଼ିଶା ଦିବସ୍ ପାଲନ୍ ସମାରୋହଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଯୋଗ୍ ଦେଇକରି ମୂଲ୍ୟବୋଧ ଆଧାରିତ୍ ବିକଶିତ୍ ଓଡ଼ିଶା ଗଠନ୍ ଲାଗି ସାମୂହିକ୍ ଚେରେଷ୍ଟାକେ ଆହ୍ୱାନ୍ ଦେଇଛନ୍ । ସେ କହିଛନ୍, ସାଧୁତା କରୁଣା ଆଉ ଦାୟିତ୍ୱବୋଧଥି ପ୍ରକୃତ ଅଭିବୃଦ୍ଧି ପ୍ରତିଫଳିତ ହେବାର୍ ଉଚିତ୍ । ସମାବେଶୀ, ସୁରକ୍ଷିତ୍ ଆଉ ସମୃଦ୍ଧ ରାଜ୍ୟ ଗଠନ୍ଥି ସହଯୋଗ୍ ଲାଗି ରାଜ୍ୟପାଲ୍ ଯୁଆନ୍ ପିଢ଼ିଙ୍କୁ ଆହ୍ୱାନ୍ ଦେଇଛନ୍ ।

ଓଡ଼ିଶା ଦିବସ-ଓୟୁଏଟି          ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୩୬ ମସିହା ନ ଓଡ଼ିଶା ଶହେ ବଛର୍ ପୁରା କର୍‌ବାର୍ ସହେତେ ସମୃଦ୍ଧ ଆଉ ବିକଶିତ୍ ଓଡ଼ିଶା ଗଠନ୍ ଲାଗି ସର୍‌କାର୍ ସଂକଳ୍ପବଦ୍ଧ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ସୂଚନା, ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଓୟୁଏଟି କୃଷି ଶିକ୍ଷାସଦନ୍ ନ ହେଇଥିବା ରାଜ୍ୟସ୍ତରୀୟ ଓଡ଼ିଶା ଦିବସ୍ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ମହିଳା, କୃଷକ୍, ଆଦିବାସୀ ଆଉ ଗରିବ୍ ଲୁକ୍‌କର୍ ସଶକ୍ତିକରଣ୍‌କେ ସର୍‌କାର୍

ପ୍ରାଥମିକତା ଦଉଛନ୍ ବଲି କହିଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀଙ୍କର୍‌ନୁ ଆସିଥିବା ଚିଠିକେ ପଢ଼ିକରି କୃତଜ୍ଞତା ଜନାବାର୍ ସହେତେ ଓଡ଼ିଶା ପୁଲିସ୍‌କେ ମିଲିଥିବା ରାଷ୍ଟ୍ରପତି ପୁଲିସ୍ କଲର୍ସ ସମ୍ମାନ୍ ରାଜ୍ୟର୍ ଲାଗି ଗର୍ବର୍ ବିଷୟ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ୩୦ ଟା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ନିଯୁକ୍ତ କରିଛନ୍ । ଇ ବାବ୍‌ଦେ ଗଲାକାଏଲ୍ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କୁ ଦେବ୍‌ଗଢ଼୍, ପୂର୍ତ ଆଉ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କୁ ଗଜପତି, ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସମ୍ବଲ୍‌ପୁର୍, ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ରାୟଗଡ଼ା ଜିଲ୍ଲାର୍ ଯୋଜ୍‌ନା କମିଟି ଅଧ୍ୟକ୍ଷ କରିଛନ୍ । ଇତାରଛଡ଼ା ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ବିଧାୟକ୍‌ମାନ୍‌କୁ ସର୍‌କାର୍‌ଙ୍କର୍ ତର୍‌ଫୁ ଇ ଦାୟିତ୍ୱ ଦିଆଯାଇଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ- ପାଠ୍ୟକ୍ରମ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ଠାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ୨୦୨୬-୨୭ ଶିକ୍ଷା ବଛର୍‌ର ପହେଲା ଦିନେ ଗଲାକାଏଲ୍ କେନ୍ଦ୍ରୀୟ ମାଧମିକ ଶିକ୍ଷାବୋର୍ଡ଼ ସିବିଏସ୍‌ଇର ନୂଆଁ କମ୍ପ୍ୟୁଟେସ୍‌ନାଲ୍ ଥିଙ୍କିଙ୍ଗ୍ ଏଣ୍ଡ ଆର୍ଟିଫିସିଆଲ୍ ଇଂଟଲିଜେନ୍ସ ପାଠ୍ୟକ୍ରମ୍‌ର ଶୁଭାରମ୍ଭ କରିଛନ୍ । ୩ ନୁ ୮ ଶ୍ରେଣୀତକ୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଥିବା ଇ ପାଠ୍ୟକ୍ରମ୍ ଜାତୀୟ ଶିକ୍ଷାନୀତି ୨୦୨୦ ର ଲକ୍ଷ୍ୟକେ ପୁରା କର୍‌ବାର୍ ଦିଗେ ଗୁଟେ ବଡ଼ ପଦକ୍ଷେପ୍ ହେବା । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ଭାରତ୍ ଆଏଜ୍ ବିଶ୍ୱ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରଥି ନିଜର୍ ପ୍ରଭାବ୍‌କେ ବିସ୍ତାର୍ କରୁଛେ ।

ଦିବ୍ୟାଙ୍ଗ ଉପକରଣ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ ପାଠ୍ ପଢୁଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନ୍‌କୁ ସାହାଜ୍ ଉପକରଣ୍ ଦିଆଯିବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ସବୁ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କୁ ୩ ଟା ଲେଖା ହ୍ୱିଲ୍‌ଚେୟାର୍ ଦିଆଯିବା । ବିଭାଗ୍ ତର୍‌ଫୁ ଆଂଚଲିକ୍ ଶିକ୍ଷା ନିର୍ଦ୍ଦେଶକ୍ ଆଉ ଉପନିର୍ଦ୍ଦେଶକଙ୍କୁ ନୋଡ଼ାଲ୍ ଅଧିକାରୀ

ଭାବେ ଦାୟିତ୍ୱ ଦିଆଯାଇଛେ । ଇ ଉପକରଣ୍ ବାଂଟ୍‌ବାର୍ ପ୍ରକ୍ରିୟାର୍ ପୁରା ତଦାରଖ୍ ଉଚ୍ଚଶିକ୍ଷା ବିଭାଗ୍ ଆଉ ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ କରାଯିବା ।

ପାରାଦ୍ୱୀପ୍ ବନ୍ଦର-ପଣ୍ୟ ପରିଚାଳନା   ଆର୍‌ଏନ୍‌ୟୁ/ ସମ୍ବଲପୁର

ପାରାଦ୍ୱୀପ୍ ବନ୍ଦର୍ ପ୍ରାଧିକରଣ୍ -୨୦୨୫-୨୬ ଆର୍ଥିକ୍ ବଛର୍‌ଥି ସବୁନୁ ଅଏତ୍‌କା ପଣ୍ୟ ପରିଚାଳନା କରିକରି ନୂଆଁ ମାଇଲ୍‌ଖୁଂଟା ଥାପ୍‌ନା କରିଛେ । ବନ୍ଦର୍ ଶହେ ୫୬ ଦଶ୍‌ମିକ୍ ୪/୫ ମିଲିୟନ୍ ମେଟ୍ରିକ୍‌ଟନ୍ ପଣ୍ୟ କାର୍‌ବାର୍ କରିକରି ୧୫୫ ଏମ୍‌ଏମ୍‌ଟି କ୍ଲବ୍‌ଥି ସାମିଲ୍ ହେଇଛେ । ଯେନ୍‌ଟା ୧୯୬୬ ନୁ ପଣ୍ୟ ପରିଚାଳନା ମୁଲ୍ ହେବାର୍ ଉତ୍‌ରୁ ସବୁନୁ ଭଲ୍ ପ୍ରଦର୍ଶନ୍ ଆଏ ।

ପୂର୍ବତଟ ରେଲ୍‌ପଥ-ଟ୍ରେନ୍ ପରିଚାଳନା  ଆର୍‌ଏନ୍‌ୟୁ/ ସମ୍ବଲପୁର

ଖରାଦିନେ ବଢୁଥିବା ଯାତ୍ରୀ ଚାହିଦାକେ ପୁରା କର୍‌ବାର୍ ଆଉ ଯାତ୍ରା ସୁବିଧା ଯୁଗେଇଦେବାର୍ ଲାଗି ପୂର୍ବତଟ ରେଲ୍‌ପଥ୍ ତର୍‌ଫୁ ଖାସ୍ ଟ୍ରେନ୍ ପରିଚାଳନାକେ ବଢ଼ାବାର୍ ନିଷ୍ପତି ନିଆଯାଇଛେ । ୬ ଟା ସ୍ପେଶାଲ୍ ଟ୍ରେନ୍ ଜରିଏ ରେଲ୍‌ପଥ୍ ତର୍‌ଫୁ ଯାତ୍ରୀସେବା ମୁଲ୍

ହେଇଛେ । ହେଲେ ସମିଆ, ରହଣୀ ଜାଗା ଆଉ କୋଚ ସଂରଚନାଥି କେନ୍‌ସି ପରିବର୍ତ୍ତନ୍ ନାଇଁ କରାଯାଇ ।

ଡିଜିଟାଲ୍ ଜନଗଣନା            ଆର୍‌ଏନ୍‌ୟୁ/ ସମ୍ବଲପୁର

ରେଢ଼ାଖୋଲ୍ ଉପଜିଲ୍ଲାପାଲ୍ ଆଉ ଏନ୍‌ଏସି କାର୍ଯ୍ୟାଳୟ ନ ଗଲାକାଏଲ୍ ଦେଶର୍ ପହେଲା ଡିଜିଟାଲ୍ ଜନଗଣନା -୨୦୨୭ ର ପହେଲା ଖେପ୍ କାର୍ଯ୍ୟକ୍ରମ୍‌ର ଜନଗଣନା ରଥ ଉଦ୍‌ଘାଟିତ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି ଉପଜିଲ୍ଲାପାଲ୍ ରଶ୍ମୀରଞ୍ଜନ୍ ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରଥର୍ ଶୁଭାରମ୍ଭ କରିଥିଲେ ।

ମାରାଗୁଡ଼ା ମହୋତ୍ସବ୍            ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଗଲାକାଏଲ୍ ମାରାଗୁଡ଼ା ମହୋତ୍ସବ୍ -୨୦୨୬ ଉଦ୍‌ଘାଟିତ୍ ହେଇଯାଇଛେ । ମୁଖ୍ୟଅତିଥି ଭାବେ ନୂଆପଡ଼ା ବିଧାୟକ୍ ଜୟ ଢୋଲ୍‌କିଆ ଯୋଗ୍ ଦେଇକରି ଜିଲ୍ଲାସ୍ତରୀୟ ମାରାଗୁଡ଼ା ମହୋତ୍ସବ୍ ମହାମିଳନ୍‌ର ପରବ୍ ଆଏ ବଲି କହିଥିଲେ ।

ଇ ଅବ୍‌ସରେ ପଲ୍ଲିଶ୍ରୀ ମେଳା କବିତା ପାଠୋତ୍ସବ୍, ପୁସ୍ତକ୍‌ମେଳାର ଭିଲ୍ ଆୟୋଜନ୍ କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଆଏବା ୨ ଦିନ୍‌ତକ୍ ଧୁକାଗର୍ଜି ହେବାର୍ ସମ୍ଭାବନା ରହିଛେ । ନୂଆପଡ଼ା, ନବରଙ୍ଗ୍‌ପୁର୍, ପୁରୀ, ଜଗତ୍‌ସିଂହପୁର୍, ଗଞ୍ଜାମ୍, ଆଉ ଗଜପତି ଜିଲ୍ଲା ନ ଆଏବା ୨୪ ଘଂଟା ଭିତ୍‌ରେ ଚଡ଼କମରା ସହେତେ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।